ଈଶ୍ୱରଙ୍କ ସତ୍ତା

# ଜୀବେ ଦୟା

■ ଶକୁନ୍ତଳା ପଣ୍ଡା
ମାଣେଶ୍ରୀ, ସୋର, ବାଲେଶ୍ୱର

ଈଶ୍ୱରଙ୍କ ସୃଷ୍ଟି ସମସ୍ତ ସଚରାଚର ଜୀବ ଜଗତକୁ ନେଇ ପରିବେଷ୍ଟିତ । ଏହା ଚିରନ୍ତନ ସତ୍ୟ । ସୃଷ୍ଟିର ଆରମ୍ଭରେ ପ୍ରଥମେ ପଶୁ ଆକୃତିର ମାନବ ସୃଷ୍ଟି ହେବା ପରେ ପରେ ସେଥିରୁ ଆସିଥିଲା ମାନବ ଜାତି, ଈଶ୍ୱର ଯେହେତୁ ସମସ୍ତ ଜୀବ ଜଗତର ମୂଳ କାରଣ ଏବଂ ପ୍ରତ୍ୟେକଟି ଜୀବ ମଧ୍ୟରେ ତାଙ୍କର ସତ୍ତା ବିରାଜମାନ, ତେଣୁ ତାଙ୍କର ସମସ୍ତ ଜୀବ ପ୍ରତି ଦୟା ଓ କ୍ଷମା ପରିପୂର୍ଣ୍ଣ ହୋଇ ରହିଥାଏ । ତେଣୁ ପ୍ରତ୍ୟେକଟି ଜୀବ ପ୍ରତି ଦୟା, କ୍ଷମା ଆଚରଣ ମାନବର ପ୍ରଧାନ କର୍ତ୍ତବ୍ୟ ଅଟେ । ପୂର୍ବକାଳରେ ସିଦ୍ଧପୁରୁଷମାନେ ପ୍ରତ୍ୟେକଟି ଜୀବର କଷ୍ଟକୁ ନିଜେ ଉପଲବ୍ଧି କରି ପାରୁଥିଲେ ।

ସୃଷ୍ଟିରେ ମଣିଷ ସର୍ବଶ୍ରେଷ୍ଠ ପ୍ରାଣୀ । କାରଣ ମଣିଷ ମଧ୍ୟରେ ଜ୍ଞାନ, ବୁଦ୍ଧି, ବିବେକ, ଦୟା ଓ କ୍ଷମା ଆଦି କେତେ ଗୁଡ଼ିଏ ମହତ୍ ଗୁଣ ଈଶ୍ୱରଙ୍କ ଅବଦାନ । ଏତେ ସବୁ ଗୁଣର ଅଧିକାରୀ ହେବା ସତ୍ତ୍ୱେ ମଣିଷ ଆଜି ସମାଜରେ ପଶୁଠାରୁ ହୀନ ହୋଇ ପଡ଼ିଛି । କାରଣ ମଣିଷ ପ୍ରତ୍ୟେକ ମୁହୂର୍ତ୍ତରେ ପଶୁ ହତ୍ୟା ଠାରୁ ପୁଣି ନର ହତ୍ୟା ପର୍ଯ୍ୟନ୍ତ ଅମାନୁଷିକ କର୍ମ କରିବାରେ ପଶ୍ଚାତ୍‌ପଦ ହେଉ ନାହିଁ । ବରଂ ଯେଉଁ ଜୀବମାନଙ୍କୁ ମଣିଷ ନିଜ ପାଖରେ ରଖି ପାଳନ କରୁଛି, ତାକୁ ପୁଣି ପର ମୁହୂର୍ତ୍ତରେ ମଧ୍ୟ ନିଜେ ଭକ୍ଷଣ କରୁଛି । ଏହା ବର୍ତ୍ତମାନ ସମାଜରେ ଚିରାଚରିତ ପ୍ରଥା ହୋଇ ଯାଇଛି । ସମାଜରେ କେତେକ ପୂଜା ପାର୍ବଣରେ ମଣିଷ ପଶୁ ବଳି ଦେବାକୁ ଏକ ପୂର୍ଣ୍ୟ କର୍ମଭାବରେ ଅନ୍ଧଭାବେ ଗ୍ରହଣ କରି ଚାଲିଛି । ଈଶ୍ୱର ହେଉଛନ୍ତି ଦୟାର ସାଗର । ଦେବା ଦେବୀ ଓ ଈଶ୍ୱର ଭଗବାନ ଯିଏ ବି ହୁଅନ୍ତୁନା କାହିଁକି, ସେମାନେ ଏ ଧରା ଧାମକୁ ଆସିବାର ମୁଖ୍ୟ ଉଦ୍ଦେଶ୍ୟ ଜୀବ ଜଗତର ପ୍ରତ୍ୟେକଟି ପ୍ରାଣୀକୁ ବଞ୍ଚାଇବା ପାଇଁ । କାହାରିକୁ ମାରିଦେବା ପାଇଁ ସେ କେବେ ଚାହାଁନ୍ତି ନାହିଁ । ଏ ଦୁନିଆରେ ପ୍ରବୃତ୍ତି ମୁଖୀ ମଣିଷ ଅନ୍ଧବିଶ୍ୱାସକୁ ସ୍ୱୀକାର କରିବା ସହିତ ଅନେକ ପ୍ରକାର ଭୁଲ ଭ୍ରାନ୍ତି ମଧ୍ୟରେ ଜୀବନ ଅତିବାହିତ କରୁଛି । ସବୁକିଛି କୁପ୍ରବୃତ୍ତିର କର୍ମକୁ ଈଶ୍ୱରଙ୍କ ନାମରେ ଦ୍ୱାହି ଦେଇ ନିଜେ ବିଭିନ୍ନ ପ୍ରକାର କୁକାର୍ଯ୍ୟରେ ଲିପ୍ତ ରହୁଛି । ଯାହା ଫଳରେ ବର୍ତ୍ତମାନ ସମାଜରେ ପ୍ରତ୍ୟେକଟି ମଣିଷ ମଧ୍ୟରେ କ୍ରୋଧ ହିଂସା ଇତ୍ୟାଦି ମନ୍ଦ ପ୍ରବୃତ୍ତିମାନ ବୃଦ୍ଧି ହେବା ସହିତ ଉକ୍ତ ପ୍ରବୃତ୍ତିର ଚାହିଦାକୁ ନିରୀହ ପଶୁମାନଙ୍କ ଉପରେ ପ୍ରତିଶୋଧ ନେବାରେ ଆଗେଇ ଚାଲିଛି । ଉଦାହରଣ ସ୍ୱରୂପ, ଯେମିତି ମଣିଷ



ତାର ନିଜର କ୍ରୋଧକୁ ଦେବୀଙ୍କ ନିକଟରେ ବଳିଦେବା ପରିବର୍ତ୍ତେ ଗୋଟେ କ୍ରୋଧ ମଇଁଷିକୁ ମାତୃଶକ୍ତି ନିକଟରେ ବଳି ପକାଇ ମାତୃପୂଜା କରି ପୂର୍ଣ୍ୟ ଅର୍ଜନ କରିବାରେ ଲାଗିଛି । ଏହା ଯେ ସଂପୂର୍ଣ୍ଣ ଭାବରେ ଜଘନ୍ୟ ଅପରାଧ ତାହା ସେ ସ୍ୱୀକାର କରିବା ପାଇଁ ନାରାଜ । ବର୍ତ୍ତମାନ ସମାଜରେ ଯାହା ଅବସ୍ଥା ନିରୀହ ଜୀବମାନଙ୍କ ପ୍ରତି ଅମାନୁଷିକ କାର୍ଯ୍ୟକୁ ପ୍ରତ୍ୟେକଟି ମଣିଷକୁ ସଜାଗ ହେବାକୁ ପଡ଼ିବ । ଯେହେତୁ, ମଣିଷ ଆଜି ଯଦି ଈଶ୍ୱରଙ୍କ ସତ୍ତାକୁ ନେଇ ଜୀବନ ଧାରଣ କରିଛି । ସେହିପରି ପ୍ରତ୍ୟେକଟି ଜୀବ ମଧ୍ୟ ସେହି ଈଶ୍ୱରଙ୍କ ସତ୍ତାର ଅଂଶ ବିଶେଷ । ତେଣୁ ଗୋଟିଏ ଜୀବକୁ ହତ୍ୟା କରିବା ମାନେ ନିଜ ମଧ୍ୟରେ ଥିବା ଈଶ୍ୱରଙ୍କ ସତ୍ତାକୁ ମଧ୍ୟ ଅପଘାତ କରିବା ସହିତ ସମାନ । ତେଣୁ ସର୍ବଜୀବ ପ୍ରତି ଦୟା, କ୍ଷମା ଆଚରଣ ମଣିଷର ପ୍ରଧାନ କର୍ତ୍ତବ୍ୟ ଅଟେ ।

❖ ❖ ❖